# ଓଁ ଶ୍ରୀ ସାଇରାମ

ପ୍ରାରମ୍ଭିକ ପ୍ରଶ୍ନବଳୀ

୧)- ଗୁରୁଦିବସ ରେ ଆମେ କଣ କରୁ?

୨)- ଗୁରୁଙ୍କୁ ସମ୍ମାନ ଆମେ କାହିଁକି ଦେବା?

୩)- ଗୁରୁଙ୍କ ପାଖରେ କିଏ ଥାଆନ୍ତି?

୪)- ମୁଁ କେତେ ଜଣ ଶିଷ୍ୟଙ୍କ ନାଁ କହୁଛି ତୁମେ ତାଙ୍କ ଗୁରୁଙ୍କ ନାଁ କହିବ?(ସ୍ବାମୀ ବିବେକା ନନ୍ଦ, ଏକଲବ୍ୟ, ଅର୍ଜୁନ, ଶ୍ରୀ ରାମଚନ୍ଦ୍ର)

ଆଜି ଆମେ ସେହିପରି ପୂଜ୍ୟ ଗୁରୁଙ୍କ ଉଦ୍ଦେଶ୍ୟରେ ଏକ ଭଜନ ଶିଖିବା।

ଉଚ୍ଚାରଣ ଶିକ୍ଷା:- ଜୟ ଗୁରୁ ଓଁକାର, ଜୟ ଜୟ ସଦ୍ ଗୁରୁ ଓଁକାରା ଓଁ........

ବ୍ରହ୍ମା, ବିଷ୍ଣୁ, ସଦା ଶିବ।  ହର ହର ହର ହର ମହାଦେବ।

ଅର୍ଥ-  ବ୍ରହ୍ମା ବିଷ୍ଣୁ ମହେଶ୍ୱରଙ୍କ ସ୍ୱରୂପ ଗୁରୁଙ୍କର ଜୟ ହେଉ। ଓଁକାର ରୂପୀ ପରଂବ୍ରହ୍ମ ଆମର ସଦଗୁରୁ ହୁଅନ୍ତୁ । ଏବଂ ତାଙ୍କର ଜୟ ହେଉ।

ବ୍ୟାଖ୍ୟା:- ବ୍ରହ୍ମା, ବିଷ୍ଣୁ, ମହେଶ୍ବରଙ୍କ ଫଟୋ ଦେଖାଇ କିଏ ଏମାନେ ବୋଲି ପଚରା ଯିବ?  ( ଗୁରୁ ଶିଷ୍ୟ ଙ୍କ ଫଟୋ ଦେଖାଇ)

ବ୍ରହ୍ମା- ସୃଷ୍ଟିକର୍ତ୍ତା।

ବିଷ୍ଣୁ- ପାଳନ କର୍ତ୍ତା

ମହେଶ୍ବର- ସଂହାର କର୍ତ୍ତା

ତେବେ ଗୁରୁଙ୍କୁ ଏ ତିନିଜଣଙ୍କ ସ୍ୱରୂପ ବୋଲି କାହିଁକି କୁହାଯାଇଛି? ଗୁରୁ ଆମକୁ ଭଲ ଭଲ ଗପ କହି, ଭଲ ମଣିଷଙ୍କ ଦୃଷ୍ଟାନ୍ତ ନେଇ, ଆମକୁ ଭଲ କଥା ଶିକ୍ଷା ଦିଅନ୍ତି ଏବଂ ଆମ ମନରେ ଭଲ ଚିନ୍ତା ସୃଷ୍ଟି କରନ୍ତି। ତାଙ୍କର ନିଃସ୍ୱାର୍ଥପର ଭଲ ପାଇବା ଆମ ହୃଦୟରେ ପ୍ରେମ ଭାବ ସୃଷ୍ଟି କରାଏ। ଏଣୁ ତାଙ୍କୁ ବ୍ରହ୍ମା ରୂପରେ ଆମେ ସମ୍ମାନ ଦେବା ଉଚିତ୍।

ଆମ ମନ, ହୃଦୟରେ ସୃଷ୍ଟି କରାଇଥିବା ଭଲ ବିଚାର, ଭଲ ଗୁଣଙ୍କୁ, କିପରି ଆମେ ଆଚରଣରେ ଦେଖାଇବା, ସେଥିପାଇଁ ସଦା ସର୍ବଦା ଯତ୍ନବାନ ରୁହନ୍ତି। ଏବଂ ଭଲ ଗୁଣର ଅଭିବୃଦ୍ଧିରେ ସାହାଯ୍ୟ କରନ୍ତି ଏଥିପାଇଁ ତାଙ୍କୁ ଆମେ ବିଷ୍ଣୁ ରୂପରେ ପୂଜା କରିବା ଉଚିତ୍।

ସେହିପରି କିଛି ପ୍ରତିକୂଳ ପରିସ୍ଥିତିରେ ଆମ ମନରେ କିଛି  ଦୁ ଭାବନା ସୃଷ୍ଟି ହେଲେ ସେହି ଭାବନାର ବଶବର୍ତ୍ତି ହୋଇ ହୃଦୟରେ ଖରାପ ଗୁଣ ସୃଷ୍ଟି ହେଲେ,  ତାକୁ ତତ୍ କ୍ଷଣାତ  ବିନାଶ କରନ୍ତି। ତେଣୁ ସେ ଆମକୁ ମହେଶ୍ୱର ରୂପରେ ରକ୍ଷା କରନ୍ତି।

ବୁଝିବା ପାଇଁ କି ଏକ କ୍ଷୁଦ୍ର ନାଟକ:-

ପ୍ରଶ୍ନ:- ଅଙ୍ଗୁଳିମାଳା କଣ ତ୍ୟାଗ କରି ଦସ୍ୟୁରୁ ସନ୍ଥ ହୋଇପାରିଥିଲା?

ବାବାଙ୍କ ସନ୍ଦେଶ:-୧)  ଭଗବାନ ବାବା  କୁହନ୍ତି, ଜଣେ ମାତ୍ର ଗୁରୁ ଅଛନ୍ତି, ସେ ହେଉଛନ୍ତି ଭଗବାନ ସେ ଆମ ଭିତରେ ଅଛନ୍ତି।( ଭଗବାନ ବାବା ହେଉଛନ୍ତି ଜଗତ ଗୁରୁ)

ପ୍ରକୃତ ଗୁରୁଙ୍କ ନିକଟରେ ସବୁ ଭଲ ଗୁଣ ଥାଏ। ସେ ଭଲ ଗୁଣ କୁ ପାଇବା ପାଇଁ ଆମେ ଗୁରୁଙ୍କୁ ସମ୍ମାନ ଦେବା ଉଚିତ୍

ମୂଲ୍ୟ ବୋଧ ଭିତ୍ତିକ ପ୍ରଶ୍ନ:-

୧)- ତୁମେ କଣ କଲେ ତୁମ ଗୁରୁ ଖୁସି ହେବେ?

୨)- କେଉଁ ଗୁଣ ତ୍ୟାଗ କରିବା ଉଚିତ୍?

୩)- କେଉଁ ଗୁଣ ତୁମେ ଆହରଣ କରିବା ଉଚିତ୍?

## ନୀରବ ଉପବେଶନ

ସାଇରାମ ପିଲାମାନେ ଆଜି ଆମେ ସମସ୍ତେ ସକାଳ ର ସୂର୍ଯ୍ୟୋଦୟ ଦେଖିବାକୁ ଯିବା ; କିନ୍ତୁ ଚାଲିଛି ନୁହେଁ,ମନରେ ଯିବା। ଆମ ୩ଥର ଓଁ କାର କରିବା।

ଅଣ୍ଟା ସିଧା କରି ବସ। ଆଖି ବନ୍ଦ କର। ଖୋଲା ଆକାଶ ତଳେ ବିସ୍ତିର୍ଣ୍ଣ ପଡିଆ। ପଡିଆର ଗୋଟିଏ ପ୍ରାନ୍ତରେ ତୁମେ। ଦୂରରେ ପାହାଡ଼। ସକାଳର ଥଣ୍ଡା ପବନ ତୁମ ସମଗ୍ର ଶରୀରକୁ ସ୍ପର୍ଶ କରୁଛି। ସୂର୍ଯ୍ୟୋଦୟ ଆହୁରି ହେଇନି।  ଅନତି ଦୂରରେ ପାହାଡ଼ ସ୍ଥିର,ନିଶ୍ଚଳ। ପୂର୍ବ ଆକାଶ ଧୀରେ ଧୀରେ ଲାଲ୍ ବର୍ଣ୍ଣ ଧାରଣ କଲାଣି। ସୂର୍ଯ୍ୟଙ୍କର ଆଲୋକ ଛିଟାରେ ଜଗତ ଆଲୋକିତ ହୋଇ ଉଠୁଛି। ସୂର୍ଯ୍ୟଙ୍କର ଆଲୋକ ଦୀପ୍ତି ମଧ୍ୟରୁ ହଠାତ୍ ଓଁ କାର ପ୍ରତିଧ୍ୱନି ସହ କେହି ଜଣେ ଜ୍ୟୋତିର୍ମୟ ପୁରୁଷ ତୁମ ଆଡ଼କୁ ପାଦ ପକାଇ ଆସୁଛନ୍ତି। ଆଖିରେ ତାଙ୍କର କରୁଣାର ଚାହାଣୀ। ଓଠରେ ପ୍ରେମର ହସ ଧାରା। ଡାହାଣ ହାତରେ ତାଙ୍କର ଆପାଦ ଲମ୍ବିତ ପୋଷାକକୁ ଧରି ଧୀରେ ଧୀରେ ତୁମ ଆଡ଼କୁ ଆସୁଛନ୍ତି। ତାଙ୍କ ରୂପ ଦର୍ଶନରେ କାହିଁକି କେଜାଣି ତୁମ ହୃଦୟ ଆନନ୍ଦରେ ଉଲ୍ଲସିତ ହୋଇ ଉଠୁଛି। ତାଙ୍କ ରୂପ ଶୋଭାର ଆକର୍ଷଣ ମନକୁ ତୁମର ମୁଗ୍ଧ କରୁଛି।

ଜଗତ ଠାକୁର ଜଗଦ୍ ଗୁରୁ ରୂପରେ ତୁମ ସାମନାରେ ଆବିର୍ଭୁତ। ତୁମ ଭିତରୁ ସମସ୍ତ ମନ୍ଦ ଚିନ୍ତାକୁ ଦୂର କରିବାକୁ ସଦାଶିବ ରୂପରେ ତୁମ ମୁଣ୍ଡ ଉପରେ ହାତ ରଖି କଲ୍ୟାଣ କରୁଛନ୍ତି। ପ୍ରେମର ମଞ୍ଜି ଟିଏ ହୃଦୟରେ ପୋତି ବ୍ରହ୍ମା ରୂପରେ ତୁମକୁ କୃପା କରୁଛନ୍ତି। ମହାବିଷ୍ଣୁ ରୂପରେ ତାଙ୍କର ପ୍ରେମର ପବିତ୍ର ଧାରା ହୃଦୟରୁ ପ୍ରବାହିତ ହୋଇ ସାରା ସୃଷ୍ଟିକୁ ଆଜି ସ୍ପର୍ଶ କରୁଛି।

ତାଙ୍କ କୃପା, କରୁଣାରେ ତୁମର ମଥା ଆପେ ଆପେ ନଇଁ ତାଙ୍କ ପାଦ ଯୁଗଳକୁ ସ୍ପର୍ଶ କରୁଛି। ଓଁ କାର ରୂପୀ ଜଗତର କର୍ତ୍ତା ପରଂବ୍ରହ୍ମ ଙ୍କୁ ଆଜି ଗୁରୁ ରୂପରେ ପାଇ ଜୀବନ ତୁମର ଧନ୍ୟ ହୋଇଯାଇଛି।

ଜୟଗୁରୁ ଓଁ କାରା........................................... ମହାଦେବା।

## <u>ପ୍ରଥମ ଦୃଶ୍ୟ</u>

( ମା ଫୁଲମାଳ ଗୁନ୍ଥିବା ବେଳେ ରାଘବ ର ପ୍ରବେଶ)

ରାଘବ - ମା' ,ମା' ,ଦେଖ ଆଜି ସ୍କୁଲ ରେ ଗଣେଶ ପୂଜା ବେଳେ ମାଧବ ସ୍ଲେଟ ରେ କ'ଣ ଲେଖାହେଲା।

ମା - ଦେଖି ,ଦେଖି ।

ରାଘବ - ମା' , ପ୍ରଥମେ ଯିଏ ପୂଜା କରୁଥିଲେ ସେ ଲେଖିଲେ, ତା' ପରେ ମାଧବ ବି ତା' ଉପରେ ଲେଖିଲା। ଲେଖିଲା ବେଳେ ଗୁରୁଜୀ ତା ହାତ ଧରିଥିଲେ। ଏଇଟା କ'ଣ ଲେଖାହେଇଛି ମା' ।

ମା - ଏ ହେଉଛି ଓମ୍।

ରାଘବ - ସେଇଟା କ'ଣ?

ମା - ଏହି ଓମ୍ ହେଉଛନ୍ତି ପରଂବ୍ରହ୍ମଙ୍କର ନାଦ/ଶବ୍ଦରୂପ। ଏଥିପାଇଁ ୟାଙ୍କୁ ନାଦବ୍ରହ୍ମ ବା ଶବ୍ଦବ୍ରହ୍ମ କୁହନ୍ତି। ଏହି ଶବ୍ଦରୁ ହିଁ ସାରା ଜଗତ ର ସୃଷ୍ଟି। ଆକାଶ, ବାୟୁ,ଅଗ୍ନି,ଜଳ, ପୃଥିବୀ, ଜୀବ ଜନ୍ତୁ, ମଣିଷ ସବୁର ସୃଷ୍ଟି।ସବୁ ଶବ୍ଦ ର ସୃଷ୍ଟି ଏହି ଶବ୍ଦ ରୁ। ଏହି ଓଁ କାର ଗୋଟିଏ ଭଳି ଦିଶୁଥିଲେ ହେଁ ୩ଟି ଅକ୍ଷରର ଶବ୍ଦର ସମଷ୍ଟି।( ମା ଟିକେ ଚୁପ୍ ରହି ପୁଣି ଫୁଲ ଗୁନ୍ଥିବାରେ ମନ ଦେଲେ)।

ରାଘବ - କ'ଣ କ'ଣ ମା' , କୁହ।

ମା - ୩ ଟି ଅକ୍ଷର ହେଲା 'ଅ' 'ଉ' 'ମ'। ' ଅ ' ହେଉଛନ୍ତି ବ୍ରହ୍ମା, ' ଉ ' ହେଉଛନ୍ତି ବିଷ୍ଣୁ ଏବଂ ' ମ ' ହେଉଛନ୍ତି ମହେଶ୍ବର।

ରାଘବ - ଓ ବ୍ରହ୍ମା, ବିଷ୍ଣୁ, ମହେଶ୍ବର । ସୃଷ୍ଟିକର୍ତ୍ତା, ପାଳନ କର୍ତ୍ତା, ସଂହାର କର୍ତ୍ତା।

ମା - ତୁ କେମିତି ଏତେ କଥା ଜାଣିଲୁ।

ରାଘବ - ହଁ ମୋ ସାଙ୍ଗ ଦିନେ କହୁଥିଲା GOD ହେଲା G,O,D Generater, Operator, Destroyer - ବ୍ରହ୍ମା, ବିଷ୍ଣୁ, ମହେଶ୍ବର। ମା' ମହେଶ୍ବର କାହିଁକି ସବୁ ଧ୍ୱଂସ କରନ୍ତି?

ମା - ଧ୍ୱଂସ କରନ୍ତି ନୂଆ ଜିନିଷ ତିଆରି ହେବା ପାଇଁ। ଯେମିତି ଘର ପୁରୁଣା ହେଇଗଲେ, ରହିବା ଉପଯୋଗ ନହେଲେ ତାକୁ ଭାଙ୍ଗି ନୂଆ ଘର ତିଆରି ହୁଏ। ଖାଲି ଆଖିରେ ଆମେ ଯାହା ଦେଖୁ ତା' ର ବିନାଶ ନୁହେଁ। ଆମ ମନ ଭିତରେ ଥିବା ଖରାପ ବିଚାର, ଭାବନା କୁ ବି ସେ ବିନାଶ କରିଦେଇପାରନ୍ତି।

ରାଘବ - କେମିତି ? ମୁଁ ବୁଝିପାରୁନି।

ମା - ହଉ ଦେଖ୍ ତୋତେ ଗୋଟେ ଘଟଣାର ଉଦାହରଣ ଦେଇ ବୁଝାଇ ଦଉଛି। ମଥୁରା ରାଜ୍ୟର ଗୋବସ୍ତୀ ନଗରୀର ଜଙ୍ଗଲରେ ଗୋଟେ ଡାକୁ ରହୁଥିଲା। ସେ ଡାକୁ ଲୋକଙ୍କୁ ମାରି ତାଙ୍କଠୁ ଜିନିଷ ସବୁ ଛଡେଇ ନେଇ ତାଙ୍କୁ ମାରି ଦେଉଥିଲା। ଆଉ ତା' ପରେ ତାଙ୍କ କାଣି ଆଙ୍ଗୁଠିକୁ କାଟି ମାଳ କରିକି ପିନ୍ଧୁଥିଲା। ଦେଖ ସେପଟେ କ'ଣ କରୁଛି ସେ ଡାକୁ

## ଦ୍ବିତୀୟ ଦୃଶ୍ୟ

(ଗୋଟିଏ ଗଛ ପାଖରେ, ଆଙ୍ଗୁଠି ର ମାଳା ପିନ୍ଧି, ହାତ ରେ ଗୋଟେ ଆଙ୍ଗୁଠି ଧରି)

ଅଙ୍ଗୁଳିମାଳା - ହା.... ହା.....ହା....। ପୁରା ଅନେଶୋତ (୯୯) । ଆଉ ଗୋଟିଏ ଶିକାର ମିଳିଗଲେ ମୋର ଲକ୍ଷ୍ୟ ପୁରା ହେଇଯିବ। ଆଉ ମୁଁ ସବୁଠାରୁ ଶକ୍ତିମାନ ହେଇଯିବି। (ବୁଦ୍ଧ ଙ୍କର ପ୍ରବେଶ) ଏଇତ ଏକ ଉତ୍ତମ ଶିକାର। ସର୍ବଶକ୍ତିମାନ ହେବା ପାଇଁ ଆଉ ମୋର ଅଳ୍ପ ସମୟ। ହା...ହା....ହା....

ରେ ସନ୍ୟାସୀ, ରହ, ରହିଯା କହୁଛି। ତୋତେ କଣ ମୋ କଥା ଶୁଭୁନି? ମୋତେ  କରୁଛୁ? ଜାଣିଛୁ ମୁଁ କିଏ? ଆଉ ଆଗକୁ ଯାଆନା କହୁଛି। ସେଇଠି ଠିଆ ହ।

ବୁଦ୍ଧ - ମୁଁ ତ କୁଆଡେ ଯାଉନି। ତୁମେ ହିଁ ଯାଉଛ।

ଅଙ୍ଗୁଳିମାଳା - ହୁଁ, ତୁ କୁଆଡେ ଯାଉନୁ ! ମୁଁ ପୁଣି ଯାଉଛି ! ଏ କି ଅବାନ୍ତର କଥା କହୁଛୁ ତୁ?

ବୁଦ୍ଧ - ବତ୍ସ, ତୁମ ମନ ସର୍ବଦା ଗତିଶୀଳ, ଚଞ୍ଚଳ, ଅଶାନ୍ତ। ମୁଁ ତ ଏ ଗତିଶୀଳ ମନ କୁ କେବେଠୁ ବିଶ୍ରାମ ଦେଇ ସାରିଛି। ତୁମ ମନ ର ମଧ୍ୟ ବିଶ୍ରାମ ଦରକାର।

ଅଙ୍ଗୁଳି - ମୁଁ ତ ବଡ଼ ବଡ଼ କଥା ଶୁଣିବା ଲୋକ ନୁହେଁ। ମୋତେ ତୁମ ଜୀବନ ସହିତ କାଣୀ ଆଙ୍ଗୁଠି ଦରକାର। ହେଲେ ମୁଁ ସର୍ବସକ୍ତିମାନ ହୋଇପାରିବି।

ବୁଦ୍ଧ - ତୁମେ ଯଦି ନିଜକୁ ଶକ୍ତିମାନ ଭାବୁଛ, ମୁଁ ଗୋଟେ କଥା କହିବି କରିପାରିବ?

ଅଙ୍ଗୁଳି - କ'ଣ?

ବୁଦ୍ଧ - ମୋତେ ସେ ଗଛ ରୁ 5 ଟି ପତ୍ର ଆଣି ଦେଇ ପାରିବ?

ଅଙ୍ଗୁଳି - ହା....ହା....ହା.... । ଏଇ କଥା । (ଯାଇ ଆଣି) ଏଇ ନିଅ ।

ବୁଦ୍ଧ - ଯାଅ, ଏ ପତ୍ର ସବୁକୁ ପୁଣିଥରେ ଗଛରେ ଲଗେଇ ଦିଅ ।

ଅଙ୍ଗୁଳି - ଏ କେମିତି ସମ୍ଭବ ?

ବୁଦ୍ଧ - ଯଦି ପତ୍ର କୁ ଚିଣ୍ଡାଇ ପୁଣି ଯୋଡ଼ି ପାରିବନି, ଜୀବନ କାହାର ନେଇ ତାକୁ ଫେରାଇ ପାରିବନି, ତେବେ ତୁମେ ଶକ୍ତିମାନ କେମିତି ହେଲ ?

ଅଙ୍ଗୁଳି - (ହାତ ରୁ ଧିରେ ଅସ୍ତ୍ର ଖସି ଯାଇଛି) କିଏ ତୁମେ? ଏତେ ଭୟ ଶୂନ୍ୟ ! ଏତେ  ଶକ୍ତ, ଉଦାର। ମୋ ଘୃଣାର ପ୍ରତିଦାନ ରେ ଏତେ ପ୍ରେମ ମୋ ଉପରେ ଅଜାଡି ଦେଇ ପାରୁଛ । ମୋର ହିଂସ୍ର ଆଚରଣ ପାଇଁ ମୋତେ କ୍ଷମା କର । ମୋତେ ରକ୍ଷା କର ( କହି ପାଦତଳେ)

ବୁଦ୍ଧ - ଉଠ ବତ୍ସ । ପାପ ର ପ୍ରାୟଶ୍ଚିତ ରେ ହିଁ ମଣିଷ ର ନୂତନ ଜନ୍ମ । ଆଜିଠାରୁ ହିଂସ୍ର ପ୍ରବୃତ୍ତି ତ୍ୟାଗ କର। ପ୍ରେମର ବିତରଣ କର । ତୁମକୁ ଶିଷ୍ୟ ରୂପେ ଗ୍ରହଣ କରୁଛି । ମୋ କହୁଥିବା ମାର୍ଗରେ ଚାଲ । ତୁମକୁ ମୁଁ ସର୍ବଦା ରକ୍ଷା କରିବି । (ବୁଦ୍ଧଂ ଶରଣଂ ଗଚ୍ଛାମି.......) ।

ମା - ଦେଖିଲୁ ରାଘବ, ବୁଦ୍ଧ ଅଙ୍ଗୁଳି ମାଳାର ମନ୍ଦ ଚିନ୍ତାଧାରା କୁ କିଭଳି ସହଜରେ ବିନାଶ କଲେ।

ରାଘବ - ତେବେ ଏ କ'ଣ ବୁଦ୍ଧଙ୍କର ମହେଶ୍ବର ରୂପ?

ମା - ହଁ ନିଶ୍ଚୟ। ହିଂସା ଗୁଣକୁ ତ ଧ୍ଵଂସ କରେ , ପୁଣି ତା ହୃଦୟରେ ମଞ୍ଜି ଟିଏ ପୋତିଲେ ଦେଖିଲୁ ।

ରାଘବ - ତେବେ ସେ ପୁଣି ବ୍ରହ୍ମାଙ୍କର ରୂପ ନେଲେ।

ମା - ଏବେ ଠିକ୍ ବୁଝିଲୁ।

ରାଘବ - ବୁଦ୍ଧ ବିଷ୍ଣୁ ଙ୍କ ରୂପରେ କେମିତି ଅଙ୍ଗୁଳି ମାଳାକୁ ପାଳନ କଲେ, ଟିକେ ମୋତେ ବୁଝେଇଦେବ ମା'  ।

ମା - ହଉ , ଏବେ ଦେଖ

## ତୃତୀୟ ଦୃଶ୍ୟ

( ଅଙ୍ଗୁଳିମାଳା ଗଛରେ ପାଣି ଦେଉଥିବା ବେଳେ ବୁଦ୍ଧଙ୍କ ପ୍ରବେଶ)

ବୁଦ୍ଧ- ବତ୍ସ

ଅଙ୍ଗୁଳି - ପ୍ରଣାମ ଗୁରୁଦେବ

ବୁଦ୍ଧ - ତୁମର କଲ୍ୟାଣ ହେଉ। ଏଇ ନିଅ ଏ ଭିକ୍ଷା ଥାଳି। ଯାଅ ଘର ଘର ବୁଲି ଭିକ୍ଷା ନେଇ ଆସ ।

ଅଙ୍ଗୁଳି - ଆଜ୍ଞା ଗୁରୁଦେବ।

( ବୁଦ୍ଧ ଙ୍କର ପ୍ରସ୍ଥାନ, ଅଙ୍ଗୁଳିମାଳା ଭିକ୍ଷା କରୁଛି)

ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ..................

୧ମ ଲୋକ - ଆରେ ଏ ତ ଅଙ୍ଗୁଳି ମାଳା, ଦସ୍ୟୁ, ଦସ୍ୟୁ।

୨ୟ ଲୋକ - ୟା କୁ ମାର ମାର।

( ବାଡେଇ ଭିକ୍ଷା ଥାଳି ଭାଙ୍ଗି ଅଙ୍ଗୁଳି କୁ ଖଣ୍ଡିଆ, ରକ୍ତାକ୍ତ କରିଦେବେ)

ଅଙ୍ଗୁଳି - ଶାନ୍ତ ଭାବେ ଉଠି ବୁଦ୍ଧଂ ଶରଣଂ........

( କେହି ଜଣେ ପଥର ଟେ ଟେକି ଫିଙ୍ଗିବାକୁ ଆସିବାରୁ, ତା ନିଜ ଗୋଡ଼ରେ ପଡ଼ି ଖଣ୍ଡିଆ ହେବା ମାତ୍ରେ ଅଙ୍ଗୁଳି ତା' ପାଖକୁ ଆସି ହାତରେ ଥିବା କପଡା ବାନ୍ଧିଦେଲେ ଓ ପିନ୍ଧିଥିବା କପଡ଼ାରେ ପୋଛି ନେବେ, ମୁଣ୍ଡ ଆଉଁସି ନେବେ)।

ବୁଦ୍ଧଂ ଶରଣଂ ଗଚ୍ଛାମି.................... ( ପ୍ରସ୍ଥାନ)

ପଦେ ପଦେ ଲୋକ ମାନେ କୁହା କୁହି ହେବେ ଓ ହାତ ଯୋଡ଼ି ଠିଆ ହେବେ।

*---------*--------*-----------*

ମା - ଦେଖିଲୁ ରାଘବ, ବୁଦ୍ଧ ଯେଉଁ ପ୍ରେମର ମଞ୍ଜିଟି ପୋତି ଥିଲେ,ସେ କିଭଳି ଗଛ ଟିଏ ହୋଇ ଶାଖା, ପତ୍ର ମେଲି ଚାରି ପାଖରେ ସମସ୍ତଙ୍କୁ ପ୍ରେମର ସ୍ପର୍ଶ ଦେଇ ଆଜି ଆନନ୍ଦ ଦେଇପାରିଛି।

ରାଘବ - ହିଁ ମା , ବୁଝିପାରୁଛି।